
# ବୈଷ୍ଣବ ସାମଲଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର




■ କଟକ, ୧୮।୧୨ (ନି. ପ୍ର): 'ଭୂତି ଭକ୍ତି ବିଭୂତି' ପୁସ୍ତକ ପାଇଁ ବିଶିଷ୍ଟ ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ୨୦୨୪ ମସିହାର ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ସକାଶେ ମନୋନୀତ ହୋଇଛନ୍ତି । ବୁଧବାର ଏକାଡେମୀର ସଚିବ କେ. ଶ୍ରୀନିବାସ ରାଓ ଏକ ପ୍ରେସ୍ ବିବୃତିରେ ଏହା ଜଣାଇଛନ୍ତି । ୨୧ଟି ଭାରତୀୟ ଭାଷା ସାହିତ୍ୟ ପାଇଁ ପୁରସ୍କାର ଘୋଷଣା କରାଯାଇଛି । ଆସନ୍ତା ମାର୍ଚ୍ଚ ୮ ତାରିଖ ଏକାଡେମୀ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରତିଭାଙ୍କୁ ଏକ ଲକ୍ଷ ଟଙ୍କାର ଚେକ୍, ତାମ୍ରଫଳକ ଓ ଉପଢୌକନ ସହ ପୁରସ୍କୃତ ▶ ଅବଶିଷ୍ଟାଂଶ ପୃଷ୍ଠା ୪

## ବୈଷ୍ଣବ ସାମଲଙ୍କୁ କେନ୍ଦ୍ର ସାହିତ୍ୟ...

କରାଯିବ । ପ୍ରଫେସର ସାମଲଙ୍କ ସହିତ ଚଳିତବର୍ଷ ବିଶିଷ୍ଟ କବି ଗଗନ ଗିଲ (ହିନ୍ଦୀ), ବିଶିଷ୍ଟ କବି ସମୀର ତାନ୍ତି(ଅସମିୟା), ଔପନ୍ୟାସିକ ଇଷ୍ଟରିନ୍ କିରେ(ଇଂରାଜୀ), ସମାଲୋଚିକା ଦୀପିକା(ତେଲୁଗୁ) ପ୍ରମୁଖ ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

କୌଣସି ଅନିବାର୍ଯ୍ୟ କାରଣରୁ ଚଳିତବର୍ଷ ବଙ୍ଗଳା, ଡୋଗ୍ରି ଓ ଉର୍ଦ୍ଦୁ ଭାଷା ସାହିତ୍ୟ ପାଇଁ ପୁରସ୍କାର ଘୋଷଣା କରାଯାଇପାରି ନାହିଁ । ପ୍ରଫେସର ସାମଲ ଜଣେ ଉଚ୍ଚ ମୂଲ୍ୟବୋଧଭିତ୍ତିକ ପ୍ରାବନ୍ଧିକ ଓ ସମାଲୋଚକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି । 'ଓଡ଼ିଆ ସାହିତ୍ୟର ଇତିହାସ', 'ଓଡ଼ିଆ ଗଳ୍ପର ଇତିବୃତ୍ତ', 'ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉତ୍ତରଣ', 'ସମୀକ୍ଷାଲୋକ' ଆଦି ଗ୍ରନ୍ଥ ତାଙ୍କ ଧୀ ଓ ଧୀଶକ୍ତିର ସବୁତ । ଏ ଯାବତ୍ ସେ ୭୨୦ ଖଣ୍ଡ ପୁସ୍ତକର ରଚୟିତା । 'ଜଣେ ବଣ ବାଟୋଇର କାହାଣୀ' ଶୀର୍ଷକରେ ତାଙ୍କର ଆତ୍ମଜୀବନୀମୂଳକ ପୁସ୍ତକ ପ୍ରକାଶ ପାଇଛି । 'ଭୂତି ଭକ୍ତି ବିଭୂତି' ଗ୍ରନ୍ଥଟି ଆଧ୍ୟାତ୍ମିକ ଚିନ୍ତନ, ବିଶ୍ୱଦୃଷ୍ଟି ଓ ମାନବିକ ଭାବନାରେ ଉଦ୍ଦୀପ୍ତ । ଏହାର ମୂଲ୍ୟାୟନ ଓ ସମାଲୋଚନାର ଧାରା ନିଆରା । ଏହା ତାଙ୍କର ନିର୍ମଳ ନିଷ୍ଠା, ନିରବଚ୍ଛିନ୍ନ ଜିଜ୍ଞାସା ଓ ଅନ୍ୱେଷାର ପରିଶ୍ରୁତି । ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ବିଶ୍ୱଭାରତୀ, ଶାନ୍ତିନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟ କରି ୨୦୦୪ ରେ ଅବସର ଗ୍ରହଣ କରିଛନ୍ତି । ସମ୍ପ୍ରତି କଟକସ୍ଥିତ ଚାଉଳିଆଗଞ୍ଜରେ ସପରିବାର ରହୁଛନ୍ତି । ପୁରସ୍କାର ପ୍ରାପ୍ତି ସମ୍ପର୍କରେ ପ୍ରଫେସର ସାମଲ କହିଛନ୍ତି, ଏହି ପୁରସ୍କାର ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ପାଇଁ ବଡ଼ ସମ୍ମାନ । ଏହାଦ୍ୱାରା ଯୁବପିଢ଼ିର ପ୍ରାବନ୍ଧିକ ତଥା ସମାଲୋଚକ ନିଷ୍ଠାପର ଭାବେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଲାଭ କରିବେ । ସୂଚନାଯୋଗ୍ୟ ଯେ ଚଳିତବର୍ଷ ଓଡ଼ିଆ ବିଭାଗ ପାଇଁ ବିଚାରକ ଥିଲେ ବିଶିଷ୍ଟ କଥାଶିଳ୍ପୀ ଶନ୍ତନୁ କୁମାର ଆଚାର୍ଯ୍ୟ, କବି ଦେବଦାସ ଛୋଟରାୟ ଓ କଥାସାହିତ୍ୟିକା ପାରମିତା ଶତପଥୀ । ଦ୍ୱିତୀୟ ପର୍ଯ୍ୟାୟ ବିଚାର ପାଇଁ ଦାଶ ବେନହୁର, ଅନ୍ତର୍ଯ୍ୟାମୀ ମିଶ୍ର, ଆଦିକନ୍ଦ ସାହୁ, ରଞ୍ଜନ କୁମାର ଦାସ, ଗିରିଜା କୁମାର ବଳିୟାର ସିଂହ, ମମତା ଦାଶ, ଅପର୍ଣ୍ଣା ମହାନ୍ତି, ସବିତା ପ୍ରଧାନ, ବିରଜା ରାଉତରାୟ, ପଦ୍ମଜ ପାଳ, ଅଜୟ ସ୍ୱାଇଁ, ବିଜୟ ଶତପଥୀ ଓ କୃପାସାଗର ସାହୁଙ୍କ ପୁସ୍ତକ ଅନ୍ତର୍ଭୁକ୍ତ ଥିଲା । ପୂର୍ବରୁ ହୃଷୀକେଶ ମଲ୍ଲିକ(ସରିଯାଇଥିବା ଅପେରା, ୨୦୨୧), ଗାୟତ୍ରୀବାଳା ପଣ୍ଡା(ଦୟାନଦୀ, ୨୦୨୨) ଓ ଆଶୁତୋଷ ପରିଡ଼ା(ଅପ୍ରସ୍ତୁତ ମୃତ୍ୟୁ, ୨୦୨୩) ଏକାଡେମୀ ପୁରସ୍କାର ପାଇଥିଲେ ।